ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଶକ୍ତି ମନ୍ତ୍ରୀ ଏସ୍‌ସିବି ମେଡିକାଲ୍ କଲେଜ୍ ଗସ୍ତ କରି ଦୁର୍ଘଟଣାରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ସାକ୍ଷାତ କଲେ

ଭୁବନେଶ୍ୱର, ୧୫ ଫେବୃଆରୀ ୨୦୨୦

ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ବ୍ଲକ୍ ମେଣ୍ଟରାଜପୁର ଡଙ୍ଗଲପାଢ଼ୁ ଗ୍ରାମ୍ୟ ରାସ୍ତାରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଘଟିଥିବା ବସ୍ ଦୁର୍ଘଟଣାରେ ଆହତ ହୋଇ ଏସ୍‌ସିବି ମେଡିକାଲ୍ କଲେଜ୍‌ରେ ସ୍ୱତନ୍ତ୍ର ଭାବରେ ଚିକିତ୍ସିତ ହେଉଥିବା ବ୍ୟକ୍ତିବିଶେଷଙ୍କ ଚିକିତ୍ସା ସଂପର୍କରେ ବୁଝିବା ନିମନ୍ତେ ଆଜି ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ଗସ୍ତ କରିଥିଲେ । ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ଚିକିତ୍ସା ସଂପର୍କରେ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ପଚାରି ବୁଝିଥିଲେ । ଚିକିତ୍ସା କରୁଥିବା ଡାକ୍ତର ସରୋଜକାନ୍ତ ସାହୁଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସକାଶେ ଅନ୍ୟତ୍ର ସ୍ଥାନାନ୍ତରର ଆବଶ୍ୟକ ପଡୁଛି କି ନାହିଁ ବୋଲି ଡାକ୍ତରଙ୍କୁ ପଚାରି ବୁଝିଥିଲେ । ଡାକ୍ତର ଜଣାଇଥିଲେ ଯେ ବର୍ତ୍ତମାନ ସ୍ଥିତିରେ ସେମାନଙ୍କ ସମସ୍ତ ଚିକିତ୍ସା ଏସ୍‌ସିବିରେ ସମ୍ଭବପର । ଅନ୍ୟ କୌଣସି ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାର ଆବଶ୍ୟକତା ନାହିଁ ଏବଂ ସବୁଠାରେ ଏକାପ୍ରକାର ଚିକିତ୍ସା ହେବ ବୋଲି ଡାକ୍ତର ସାହୁ ଅବଗତ କରାଇଥିଲେ । ଯଦି ଜରୁରୀ ପଡ଼େ ତେବେ ଅନ୍ୟତ୍ର ଚିକିତ୍ସା ପାଇଁ ରୋଗୀଙ୍କୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତର ସାହୁ କହିଥିଲେ । ଚିକିତ୍ସିତ ହେଉଥିବା ପରିବାରବର୍ଗଙ୍କ ସହିତ ମନ୍ତ୍ରୀ ଆଲୋଚନା କରି ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସହଯୋଗ ସରକାରଙ୍କ ଦ୍ୱାରା କରାଯାଉଛି, ସବୁ ଚିକିତ୍ସା ଅର୍ଥ ସରକାର ବହନ କରିବେ ବୋଲି ଜଣାଇଥିଲେ ।

ମନ୍ତ୍ରୀଙ୍କ ଏହି ଗସ୍ତରେ ଶକ୍ତି ବିଭାଗ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଅରୁଣ ବୋଥ୍ରା, ବିଦ୍ୟୁତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଶ୍ରୀ ସନ୍ତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ରବି ନାରାୟଣ ବେହେରା
ସୂଚନା ଅଧିକାରୀ